## ଲୁହାପଥର ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ଯୋଡ଼ା,(ଡି.ଏନ୍.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣିଠାରୁ ରବିବାର ବିଳମ୍ବିତ ରାତିରେ ୨ଟି ଚୋରା ଲୁହା ପଥର ବୋଝେଇ ଟ୍ରକ୍କୁ ପୋଲିସ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ସାନ୍ତରାପୁର ଗ୍ରାମର ଅଗାଧୁ ବିଶ୍ୱାଳ ଓ ଜଗତସିଂପୁର ଜିଲା ପର୍ଜନପୁର ଗ୍ରାମର ସ୍ମୃତିରଞ୍ଜନ ନାଏକ। ପୋଲିସ ୨ଟି ଟ୍ରକରୁ ପ୍ରାୟ ୧୪ ମେଟ୍ରିକ ଟନ୍ ଲୁହା ପଥର ଜବତ କରିଛି। ଏ ନେଇ ଯୋଡ଼ା ପୋଲିସ ଏକ ମାମଲା (ନଂ.୫୬/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଥିବା ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ଭଦ୍ରକ

- ସବ୍ଲକସ୍ତରୀୟ ଭତ୍ତା ବଣ୍ଟନ ଉତ୍ସବ। ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର। ସମୟ: ସକାଳ ୮ଟା।

## ସଂକ୍ଷେପରେ

### ନାବାଳିକାଙ୍କୁ ଗଣ ବଳାତ୍କାର: ୨ କୋର୍ଟ ଚାଲାଣ

ଉଦଳା,୧୨।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୪ ତାରିଖରେ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଚଳାଇ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମାଥୁ ମୁର୍ମୁ ଓ ଧୂଲୁ ମୁର୍ମୁ। ଏନେଇ ଥାନାରେ ଏକ ମାମଲା (ନଂ.୧୨୫/୨୧) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ଘର ପାଖ ବିଲକୁ ନାବାଳିକା ଜଣକ ଶୌଚ ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ବଳପୂର୍ବକ ଟେକି ନେଇ ବଳାତ୍କାର କରିଥିଲେ।

### ମାସ୍କ ନ ପିନ୍ଧି ଦେଲେ ଜରିମାନା

କୁଆମରା,୧୨।୪(ଡି.ଏନ.ଏ.): ଦ୍ୱିତୀୟ ଲହରରେ କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ କେତେକ ଲୋକ କଟକଣାକୁ ଗୁରୁତ୍ୱ ଦେଉନାହାନ୍ତି। ମାସ୍କ ପିନ୍ଧିବା କିମ୍ବା ସାମାଜିକ ଦୂରତାକୁ ମାନୁ ନାହାଁନ୍ତି। ତେବେ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ ସୋମବାର ଖୁଣ୍ଟା ଥାନା ଏସ୍ଆଇ ବଳରାମ ମହାରଣାଙ୍କ ନେତୃତ୍ୱରେ ଉଦଳା- ଖୁଣ୍ଟା ରାସ୍ତାରେ ଯାଞ୍ଚ କରାଯାଇଥିଲା। ମାସ୍କ ବ୍ୟବହାର କରି ନ ଥିବା ୧୧ ଅମାନିଆଙ୍କଠାରୁ ମୋଟ ୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯିବା ସହ ଲୋକଙ୍କୁ ସଚେତନ କରାଯାଇଥିଲା।

### ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ବଡ଼ବିଲ, ୧୨।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବାଇପାସ ରୋଡ୍ରୁ ଚୋରି ହୋଇଥିବା ବାଇକ୍ ଜବତ ହୋଇଥିବାବେଳେ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ବିଲ ଡେଲି ମାର୍କେଟସ୍ଥିତ ଡ୍ରେସିଂ ହଟିଂ ଅଞ୍ଚଳର ବଲବୀର ସିଂହ। ଗତ ଶନିବାର ବିଳମ୍ବିତ ରାତିରେ ବାଇପାସ ରୋଡ଼ ଅଞ୍ଚଳରେ ରହୁଥିବା ଏମ ଡି ମକଶୁଦ ଆଲମ ନାମକ ବ୍ୟକ୍ତି ତାଙ୍କ ଘର ବାହାର ଅଗଣାରେ ନିଜ ବାଇକ ରଖି ଚେନ ଲଗାଇଥିଲେ। ସକାଳେ ଉଠିଦେଖିବା ବେଳକୁ ଚେନ ଖୋଲାପଡିଥିବାବେଳେ ବାଇକ ଚୋରି ହୋଇଯାଇଥିବା ଜାଣିଥିଲେ। ଏ ନେଇ ପୋଲିସ ବଡ଼ବିଲ ପୋଲିସ ଏକ ମାମଲା (ନଂ.୬୧/୨୧)ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ମାଙ୍କଡ଼ା ପଥର ବୋଝେଇ ୨ ଟ୍ରାକ୍ଟର ଜବତ

ବାରିପଦା ଅଫିସ,୧୨।୪: ମୟୂରଭଞ୍ଜ ଜିଲା ବାରିପଦା ରେଞ୍ଜ ବନ କର୍ମଚାରୀମାନେ ମାଙ୍କଡ଼ା ପଥର ବୋଝେଇ ୨ ଟ୍ରାକ୍ଟର ଜବତ କରିଛନ୍ତି। ଜୁରାଡ଼ିହୀ ଠାରୁ ବାଙ୍ଗରା ଅଭିମୁଖେ ଚୋରାରେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ବନ ବିଭାଗ ଚଢ଼ାଉ କରି ଟ୍ରାକ୍ଟର ୨ଟି ଜବତ କରିବା ସହ ଦୁଇ ଚାଳକଙ୍କୁ ଗିରଫ କରିଥିଲା। ଚାଳକ ଦ୍ୱୟ ହେଲେ ଗାଲୁ ସିଂ ଓ ଦଲ ସିଂ। ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ ହୋଇଛି। ଚାଲାଣ ସମ୍ପର୍କିତ କୌଣସି ପରମିଟ୍ କିମ୍ବା ଆବଶ୍ୟକୀୟ କାଗଜପତ୍ର ନ ଥିବା ବନବିଭାଗ ଜାଣିବାକୁ ପାଇଥିଲା।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଖଇରା, ୧୨।୪(ଡି.ଏନ.ଏ.): ଲେଶ୍ୱର ଜିଲା ଖଇରା ଥାନା ଗୋଳିହା ପଞ୍ଚାୟତ ଅଧୀନ ମୁହଁଟୁଆଁ ଗ୍ରାମର ଗୟାଧର ବାରିକଙ୍କ ଘରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କାର ଲୁଟ୍ ହୋଇ ଯାଇଥିବା ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖଇରା ପୋଲିସ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାରରେ ସମସ୍ତେ ଶୋଇଥିବା ବେଳେ ସେମାନେ ଆମ୍ବଗଛ ବାଟେ ଛାତରେ ଚଢ଼ି ସିଡ଼ି ଦେଇ ଘରେ ପଶିଥିଲେ। ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିଲେ।

# ଦିନକରେ ୧୦୦ ଟପିଲା

**କରୋନା ସଂକ୍ରମଣ**
- ଜିଲାରେ ୧୫୮, କେବଳ ଇମାମୀରେ ୧୦୧
- ବନ୍ଦ ହେଲା ଇମାମୀ ଜଗନ୍ନାଥ ମନ୍ଦିର

ବାଲେଶ୍ୱର ଅଫିସ,୧୨।୪

ବାଲେଶ୍ୱର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ଟପିଯାଇଛି। ମୋଟ୍ ୧୫୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେବଳ ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ରେ କାର୍ଯ୍ୟ କରୁଥିବା ୧୦୧ଜଣ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ଭୟଙ୍କର ହେବାରେ ଲାଗିଛି। କିଛିଦିନ ଧରି ଜିଲାରେ ୧୦ରୁ ୨୦ ମଧ୍ୟରେ ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ସୋମବାର ଶହେ ଟପିଯାଇଛି। ଗତ ମାର୍ଚ୍ଚ ୩୧ ତାରିଖରେ ଇମାମୀ ପେପରମିଲ୍ର କେତେଜଣ ବରିଷ୍ଠ ଅଧିକାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨ନମ୍ବର ପ୍ଲାଣ୍ଟରେ ଫିନିସିଂ ମେଶିନ୍ରେ କଟିଙ୍ଗ୍ ଏବଂ ପ୍ୟାକେଜିଂ କାର୍ଯ୍ୟ ପାଇଁ ଜଣେ ପଶ୍ଚିମବଙ୍ଗର ଠିକାଦାର କାର୍ଯ୍ୟ ଦାୟିତ୍ୱବହନ କରିଛନ୍ତି। ସେ କିଛିଦିନ ପୂର୍ବରୁ ବାହାର ରାଜ୍ୟରୁ ପିଲା ଆଣି କାର୍ଯ୍ୟ କରାଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ କର୍ତ୍ତୃପକ୍ଷ ଗତ ଶନିବାର କରୋନା ଚିହ୍ନଟ ଶିବିର କରାଇଥିଲେ। ଶିବିରରେ ଆର୍ଟିପିସିଆର୍ ଟେଷ୍ଟ ପାଇଁ ୧୨୧ଜଣଙ୍କର ସ୍ୱାବ୍ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଏନେଇ ଜିଲା ପ୍ରଶାସନ ସୋମବାର ପହଞ୍ଚି ୨ନମ୍ବର ପ୍ଲାଣ୍ଟକୁ ବନ୍ଦ କରିବା ସହ ଇମାମୀ କଲୋନୀକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଇମାମୀ ପେପର ମିଲ୍ର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କ ସୂଚନାନୁସାରେ ୨ନଂ. ପ୍ଲାଣ୍ଟକୁ ବନ୍ଦ କରିବା ସହ ଇମାମୀ ଜଗନ୍ନାଥ ମନ୍ଦିରକୁ ସାଧାରଣ ଜନତାଙ୍କ ଦର୍ଶନ ନିମନ୍ତେ ବନ୍ଦ କରାଯାଇଛି। ଏପରିକି କୋଭିଡ୍ କେୟାର ସେଣ୍ଟର ମଧ୍ୟ ଖୋଲାଯାଇଥିବାର ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ ଏପ୍ରିଲ ୧୧ରେ ଜିଲାରୁ ୩୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୦ରେ ୧୭, ୯ରେ ୧୦ ଓ ୮ ତାରିଖରେ ୨୨ଜଣ ଚିହ୍ନଟ ହୋଇଥିଲେ। ପୂର୍ବରୁ ବାଲେଶ୍ୱରରେ କରୋନା ସ୍ଥିତି ନିୟନ୍ତ୍ରଣରେ ଥିଲା। ଅଚାନକ ଗୋଟିଏ ପେପର୍ ମିଲ୍ରୁ ଏତେ ସଂଖ୍ୟକ ସଂକ୍ରମଣ ଚିହ୍ନଟ ହେବା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଛି।

# ଅମାଣିଆ ଭୋଗ ଖାଇ ୧୬ ଝାଡ଼ାବାନ୍ତିରେ ଆକ୍ରାନ୍ତ



ଆକ୍ରାନ୍ତମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ରୂପ୍ସା, ୧୨।୪(ଡି.ଏନ.ଏ.)

ରୂପ୍ସା ଥାନା ଅନ୍ତର୍ଗତ ରାଉତପଡ଼ା ଗ୍ରାମରେ ଶ୍ରୀନିବସ ରାଉତଙ୍କ ସମ୍ପର୍କୀୟ ଓ ପରିବାର ଲୋକେ ଅମାଣିଆ ଭୋଗ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ୬ ମହିଳା, ୪ ପୁରୁଷ, ୨ନାବାଳକ, ଜଣେ ଶିଶୁକନ୍ୟା ଓ ୩ ଶିଶୁପୁତ୍ରଙ୍କୁ ସୋମବାର ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ବରଡ଼ିହା ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ରବିବାର ଅଲେଖ ମେଳା ଅନୁଷ୍ଠିତ ହୋଇଥିଲା। ସେଠାରେ ହୋଇଥିବା ଅମାଣିଆ ଭୋଗକୁ ଶ୍ରୀନିବାସ ରାଉତଙ୍କ ଘରକୁ ଅଣାଯାଇ ପରିବାର ଲୋକେ ଖାଇଥିଲେ। ୨୨ଜଣ ମହିଳା, ପୁରୁଷ ଓ ଶିଶୁମାନେ ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡିଥିଲେ। ସୋମବାର ଗୁରୁତର ଅବସ୍ଥାରେ ୧୬ଜଣଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଅମାଣିଅ ଭୋଗ ପ୍ରତିକ୍ରିୟାରୁ ସମସ୍ତେ ଅସୁସ୍ଥ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

# ଭାଜପାକୁ ସବୁବେଳେ ସମର୍ଥନ ଦେଇଆସୁଛି ବିଜେଡି: ଅଠାୱାଲେ

ଭୁବନେଶ୍ୱର,୧୨।୪(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ (ବାମରୁ ଦ୍ୱିତୀୟ) ଓ ଅନ୍ୟମାନେ।

ବିଜେଡି ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଏନ୍ଡିଏ ନେତୃତ୍ୱାଧୀନ ଭାଜପା ସରକାରକୁ ପୂର୍ଣ୍ଣ ସମର୍ଥନ ଦେଇଆସୁଛି। ରାଜ୍ୟ ସଭା ଏବଂ ଲୋକ ସଭାରେ ଏନ୍ଡିଏ ସରକାର ଆଣୁଥିବା ବିଲ୍କୁ ବିଜେଡି ସବୁବେଳେ ସମର୍ଥନ କରୁଛି। ବିଜେଡି ଯଦି ଏନ୍ଡିଏ ସହ ଆସେ ରାଜ୍ୟକୁ ଆହୁରି ଫାଇଦା ମିଳିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଠାୱାଲେ କହିଛନ୍ତି, କୃଷକମାନଙ୍କ ଆନ୍ଦୋଳନକରୁ ନେଇ ଅକାଳୀ ଦଳ ଏନ୍ଡିଏଠାରୁ ସମର୍ଥନ ଫେରାଇ ନେଇଛି। ସେହିପରି ପୁରୁଣା ସହଯୋଗୀ ଶିବସେନା ମଧ୍ୟ କଂଗ୍ରେସ ଓ ଏନ୍ସିପି ସହ ମିଶି ମହାରାଷ୍ଟ୍ରରେ ସରକାର କରିବା ପରେ ଏନ୍ଡିଏଠାରୁ ଦୂରେଇ ଯାଇସାରିଛି। ତେଣୁ ବିଜେଡି ଯଦି ଏନ୍ଡିଏ ସହ ମିଶିଯାଏ ଭଲ ହେବ ଏବଂ ଏହା ତାଙ୍କ ବ୍ୟକ୍ତିଗତ ମତ ବୋଲି ଅଠାୱାଲେ କହିଛନ୍ତି।

ଅଠାୱାଲେ ଆହୁରି କହିଛନ୍ତି, କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଟିକା ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟ ମଧ୍ୟରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ସମସ୍ତ ବ୍ୟକ୍ତି ଅଧିକ ସଂଖ୍ୟାରେ ନିଜର ନିକଟସ୍ଥ ଟିକାଦାନ କେନ୍ଦ୍ରରେ କୋଭିଡ୍ ଟିକା ଗ୍ରହଣ କରିବା ଲାଗି ସେ ନିବେଦନ କରିଛନ୍ତି। ପୂର୍ବରୁ ସତର୍କତା ଓ ସମୟୋଚିତ ପଦକ୍ଷେପ କାରଣରୁ ଆମେ କରୋନା ମହାମାରୀ ବିରୋଧରେ ବିଜୟ ହାସଲ କରିପାରିଥିଲେ। ମାତ୍ର ବର୍ତ୍ତମାନ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। କରୋନା ମହାମାରୀ ସତ୍ତ୍ୱେ ଦେଶର ବିକାଶଧାରା ଜାରି ରଖିବା ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରୁଛନ୍ତି। ଏହିଅବସରରେ ଅଠାୱାଲେ ବିଭିନ୍ନ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି, ୨୦୧୪ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ସାରା ଦେଶରେ ୪୨ କୋଟି ୨୦ ଲକ୍ଷ ୬ ହଜାର ଆକାଉଣ୍ଟ ଖୋଲାଯାଇଥିବା ବେଳେ ସେଥିରେ ବର୍ତ୍ତମାନ ୧,୪୦,୫୫୦.୮୦ କୋଟି ଟଙ୍କା ରହିଛି। ସେହିପରି ଏହି ସମୟରେ ଉକ୍ତ ଯୋଜନାରେ ଓଡ଼ିଶାରେ ୧ କୋଟି ୭୩ ଲକ୍ଷ ୧୭ ହଜାର ଆକାଉଣ୍ଟ ଖୋଲାଯାଇଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ହିସାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆୟୁଷ୍ମାନ ଭାରତ ମାଧ୍ୟମରେ ସାରା ଦେଶରେ ୧ କୋଟି ୭୬ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲାଭାନ୍ୱିତ ହୋଇଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହି ଯୋଜନା ଲାଗୁ କରନ୍ତୁ। ଏହାଦ୍ୱାରା ବହୁ ଗରିବ ଲୋକ ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ରାଜ୍ୟ କର୍ମଚାରୀଙ୍କୁ ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ସଂରକ୍ଷଣ ନେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଦେଶର ଦଳିତ, ବଞ୍ଚିତ, ପଛୁଆ ବର୍ଗ, ସଂଖ୍ୟାଲଘୁ ତଥା ସମସ୍ତ ବର୍ଗର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗତ ୬ ବର୍ଷରେ ଦେଶର ବିକାଶଧାରାରେ ପ୍ରତିଫଳିତ ହେଉଛି ବୋଲି ଅଠାୱାଲେ କହିଛନ୍ତି।

# ସମୂହ ଇସ୍ତଫା ନିଷ୍ପତ୍ତିରୁ ଓହରିଲେ ସଂଯୋଜକ

ବନ୍ତ,୧୨।୪(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ସମୂହ ପଦତ୍ୟାଗ ନିଷ୍ପତ୍ତିରୁ ଓହରିଥିବା ଜଣାଯାଇଛି। ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଅମୂଲ୍ୟ କୁମାର ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୟାଧର ପଣ୍ଡା ଓ ସମସ୍ତ ସଂଯୋଜକଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସ ପ୍ରତ୍ୟାହାର କରାଯିବା ସହ ସମୂହ ପଦତ୍ୟାଗ ନିଷ୍ପତ୍ତିକୁ ସଂଯୋଜକମାନେ ପ୍ରତ୍ୟାହାର କରି ପୂର୍ବଭଳି କାର୍ଯ୍ୟରେ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୧ରେ ବ୍ଲକରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଏକ ବ୍ଲକସ୍ତରୀୟ ରିଭ୍ୟୁ ମିଟିଂରେ ୪ ସଂଯୋଜକ ଅନୁପସ୍ଥିତ ଥିଲେ। ଏଥିନେଇ ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ସଂଯୋଜକମାନଙ୍କୁ କାରଣ ଦର୍ଶାଅ ନୋଟିସ କରିଥିଲେ। ଏହାର ପ୍ରତିବାଦରେ ସମସ୍ତ ସଂଯୋଜକ ସମୂହ ପଦବୀରୁ ଇସ୍ତଫା ଦେବା ନେଇ ଉଚ୍ଚ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ନେଇ କିଛିଦିନ ହେବ ବିବାଦ ଲାଗି ରହିଥିଲା।

# ରିଷିଆ ଅଞ୍ଚଳରୁ କ୍ଷତବିକ୍ଷତ ହରିଣ ଉଦ୍ଧାର

ସଜନାଗଡ଼, ୧୨।୪(ଡି.ଏନ.ଏ.)

ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ସୀମାନ୍ତରୁ ଏକ କ୍ଷତବିକ୍ଷତ ହରିଣ ଉଦ୍ଧାର ହୋଇଛି। ହରିଣର ଓଜନ ଏକ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ହେବ। ସୋମବାର ସକାଳେ କେସିପୁର ଅଞ୍ଚଳରେ ଏକ ହରିଣ ରିଷିଆ ଡ୍ୟାମ୍ ଅଞ୍ଚଳକୁ ଦୌଡ଼ି ଆସି ପାଖ ଝରଣା ଭିତରକୁ ପଶିଯାଇଥିଲା। ତାର ପଛପଟ ଗଭୀର କ୍ଷତ ଲାଗିଥିବା ଦେଖାଯାଇଛି। ଶିକାରୀ ତୀରରେ କ୍ଷତ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। କିନ୍ତୁ କୁକୁର ଆକ୍ରମଣରୁ ରକ୍ଷା ପାଇବା ପାଇଁ ହରିଣ ଝରଣା ଭିତରକୁ ପଶିଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ହରିଣକୁ ଉଦ୍ଧାର କରାଯାଇଥିବା କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ର କହିଛନ୍ତି। ଆହତ ହରିଣକୁ ଚିକିତ୍ସା କରାଯାଇ ସୁସ୍ଥ ହେବା ପରେ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି।

# ଜ୍ୱାଇଁ ମୃତଦେହ ଶ୍ୱଶୁର ଘର ଗାଁରୁ ଜବତ

ବାଲିଆପାଳ,୧୨।୪(ସ୍ୱ.ପ୍ର.)

ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି ପଞ୍ଚାୟତ ଛଡ଼ା ଗ୍ରାମସ୍ଥିତ ଶ୍ୱଶୁର ଘର ଗ୍ରାମରୁ ଜ୍ୱାଇଁଙ୍କ ଗଳିତ ମୃତଦେହ ସୋମବାର ବାଲିଆପାଳ ପୋଲିସ ଜବତ କରିଛି। ମୃତକ ହେଲେ ସିଂଲା ଥାନା ଅଧୀନ ବୋଲଂ ଗ୍ରାମର ହିତାଂଶୁ ମଣ୍ଡଳ। ବାଲିଆପାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

ହିତାଂଶୁ ଗତ ୫ଦିନ ତଳେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ମୁକ୍ତେଶ୍ୱରୀ ମଣ୍ଡଳ ସିଂଲା ଥାନାରେ ଅଭିଯୋଗ କରିଥିଲେ। ସୋମବାର ହିତାଂଶୁଙ୍କ ଗଳିତ ମୃତଦେହ ତାଙ୍କ ଶ୍ୱଶୁର ଘର ବାଡ଼ି ପାଖ ଏକ ଖାଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ଦାବି

କେନ୍ଦୁଝର, ୧୨।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ବନ୍ଦ କରାଯାଇଥିବା କୋଭିଡ ହସ୍ପିଟାଲ ଓ କୋଭିଡ କେୟାର ସେଣ୍ଟରଗୁଡିକ ଚାଲୁ ପାଇଁ ପ୍ରଶାସନ ପଦକ୍ଷେପ ନେଉ ନାହିଁ। ଜିଲା ଭାଜପା କାର୍ଯ୍ୟାଳୟରେ ସୋମବାର ସଦର ବିଧାୟକ ମୋହନ ଚରଣ ମାଝୀ ଆୟୋଜନ କରିଥିବା ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ହୋଇଛି। ଜିଲା ପ୍ରଶାସନ କରୋନା ଦ୍ୱିତୀୟ ଲହର ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ସେ ଅଭିଯୋଗ କରିଥିଲେ। ଏସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ଦାଶଙ୍କ ସହ ଯୋଗାଯୋଗ କରିବାରୁ କେନ୍ଦୁଝର ସହରରେ ଏବେ ଦୁଇଟି କୋଭିଡ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହୋଇସାରିଛି। ଯେଉଁଥିରେ ଅକ୍ସିଜେନ ସୁବିଧା ଉପଲବ୍ଧ ଅଛି। ଖୁବଶୀଘ୍ର ଆନନ୍ଦପୁର, ଚମ୍ପୁଆ ଓ ବଡବିଲରେ ଏହି କେନ୍ଦ୍ର ସ୍ଥାପିତ ହେବ ଓ ରାଙ୍କିଠାରେ ଥିବା କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି।

# ଟୋଲଗେଟ୍ ସମସ୍ୟା ନେଇ ଥାନା ଘେରାଉ

ବୈଶିଙ୍ଗା,୧୨।୪(ଡି.ଏନ.ଏ.)



ଥାନା ଆଗରେ ଜମା ହୋଇଥିବା ଉତ୍ତ୍ୟକ୍ତ ଲୋକେ।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ପଦ୍ମନାଭପୁରଠାରେ ୧୮ନଂ. ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଟୋଲଗେଟ୍ ଚଳିତ ମାସ ୬ ତାରିଖରୁ କାର୍ଯ୍ୟକ୍ଷମ ହୋଇଛି। ବାଲେଶ୍ୱର ଜିଲାର ନହରପାଟଣାଠାରୁ ୪ ଲେନ୍ ବିଶିଷ୍ଟ ରାସ୍ତା ମୟୂରଭଞ୍ଜ ଜିଲା ଖାରପୋଖରିଆ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଥିଲାବେଳେ ପୂର୍ବ ସୂଚନା ନ ଦେଇ ହଠାତ୍ ଗାଡ଼ି ମୋଟରଠାରୁ ଶୁଳ୍କ ଆଦାୟ ହେବା ଘଟଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଆରମ୍ଭ ଦିନଠାରୁ ପ୍ରାୟ ପ୍ରତ୍ୟେକ ଦିନ ଟୋଲଗେଟ ନିକଟରେ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତିବାଦ ଯୋଗୁ ଅଶାନ୍ତି ସୃଷ୍ଟି ହେଉଛି। ସୋମବାର ଏହା ତୀବ୍ର ରୂପ ଧାରଣ କରିଥିଲା। ପ୍ରାୟ ୫ଶହରୁ ଅଧିକ ଲୋକ ଅପରାହ୍ନରେ ବୈଶିଙ୍ଗା ଥାନା ଘେରାଉ କରିଥିଲେ। ଶୁଳ୍କ ଆଦାୟ ବନ୍ଦ କରାଯିବା ଓ ଟୋଲଗେଟରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯିବା ଦାବି ନେଇ ଧାରଣା ଦେଇଥିଲେ।

ସନ୍ଧ୍ୟାରେ ବୈଶିଙ୍ଗା ଥାନା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ ଦ୍ୱାରା ଆହୂତ ଏକ ବୈଠକରେ ବିଭିନ୍ନ ପକ୍ଷଙ୍କୁ ନେଇ ଆଲୋଚନା ହୋଇ ସମାଧାନର ସୂତ୍ର ବାହାରିଥିଲା। ଶୁଳ୍କ ଆଦାୟ ଦାୟିତ୍ୱ ନେଇଥିବା ଦିଲ୍ଲୀର ପି.ଏସ୍.ଏଲ୍. ଇନଫ୍ରାଟେକ୍ ନାମକ ଏକ ଘରୋଇ କମ୍ପାନୀର ପରିଚାଳକ ପରିଚାଳକ ଅଜୟ ପ୍ରତାପ ସିଂହ ଆସନ୍ତା ୨ ଦିନ ମଧ୍ୟରେ ସ୍ଥାନୀୟ ଯୁବକଙ୍କୁ ଟୋଲଗେଟ୍ରେ ନିଯୁକ୍ତି ଦିଆଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୈଠକରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ବରିଷ୍ଠ ଖବରଦାତା ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଅରୁଣ କୁମାର ଓତା, ବିମଳେନ୍ଦୁ ମହାପାତ୍ର, ରତନ ଦାଶ, ଦୀପକ କୁମାର ସିଂହ, ସୀତାନାଥ ବେହେରା, ସଞ୍ଜୟ ମିଶ୍ର, ରବିନାରାୟଣ ପଣ୍ଡା, ଯୁବ ସଂଗଠକ ବିନୋଦ ସିଂ ଓ ଶୁଭ୍ରାନ୍ତ ତିଆଡ଼ି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

DADLS-01



**୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ**
ତା.୧୩.୦୪.୨୦୨୧

**ସକାଳ ୮ ଘଟିକା** : ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ।

**ସନ୍ଧ୍ୟା ୬ ଘଟିକା** | **ସାଧାରଣ ସଭା** | **ଜୟଦେବ ଭବନ**

ମୁଖ୍ୟ ଅତିଥି - **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଡ. ଲେନିନ୍ ମହାନ୍ତି**, ସମ୍ପାଦକ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

*ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ।*

*ଆୟୋଜକ :*
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ।
ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ।
Zoom Link : https://us02web.zoom.us/j/87105986093

## ଦେଶୀ ବନ୍ଧୁକ ଜବତ

**ବାରିପଦା ଅଫିସ:** ବାରିପଦା ବନଖଣ୍ଡ ଡୁକୁରା ରେଞ୍ଜ ଅଧୀନ ଚପାମ ନାଳ ନିକଟରୁ ବନକର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ପଥର ଖୋଲରେ ଲୁଚାଯାଇଥିବା ଏକ ଦେଶୀ ବନ୍ଧୁକକୁ ଜବତ କରିଛନ୍ତି। ଶିକାରୀମାନେ ଶିକାର କରିବା ଉଦ୍ଦେଶ୍ୟରେ ବନ୍ଧୁକକୁ ଲୁଚାଇ ରଖିଥିବା ନେଇ ଫରେଷ୍ଟର ଲବଙ୍ଗଲତା ବିନ୍ଧାଣୀ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିବା ରେଞ୍ଜର ଲକ୍ଷ୍ମୀଧର ବେହେରା କହିଛନ୍ତି ।

**ସଂକ୍ଷେପରେ**

## ୧୪ ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର



**ସଜନାଗଡ଼, ୧୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଗରଡ଼ି ପଞ୍ଚାୟତର କଳାକାଦ ଅସନବଣି ଅଞ୍ଚଳରୁ ସୋମବାର ପୂର୍ବାହ୍ନରେ ଏକ ୧୪ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବର ଅହିରାଜ ଉଦ୍ଧାର ହୋଇଛି। ଏହି ଗ୍ରାମର ମାଲୁ ସିଂଙ୍କ ରୋଷେଇ ଘରେ ଏକ ବିରାଟକାୟ ଅହିରାଜ ପଶି ଗର୍ଜନ କରୁଥିଲା। ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ। ପରେ ନୀଳଗିରିରୁ ସାପ ବିଶେଷଜ୍ଞ ସୁଶାନ୍ତ ମହାପାତ୍ର, ଗୟାଧର ବେହେରା, ବିରଜା ଶଙ୍କର ବେହେରା ଯାଇ ଅତି ସତର୍କତାର ସହ ସାପକୁ ଉଦ୍ଧାର କରିଥିଲେ। ପରେ ସାପକୁ ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି।

## କୁଲଡ଼ିହାରୁ ମାରଣାସ୍ତ୍ର ସହ ଶିକାରୀ ଗିରଫ




**ସଜନାଗଡ଼, ୧୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରୁ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ୩ଜଣ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ରବିବାର ବିଳମ୍ବିତ ରାତିରେ ବନବିଭାଗ ଓ ସବୁଜବାହିନୀ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। କେତେଜଣ ଲୋକ ପଞ୍ଚଲିଙ୍ଗେଶ୍ୱର ସେକସନ୍ ବାବନ୍ଧ ବିଟ୍ ଅଞ୍ଚଳରେ ପ୍ରବେଶ କରିଥିବା ଖବର ପାଇ ବନବିଭାଗ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲା। ତେବେ ଗିରଫ ଶିକାରୀ ହେଲେ ନୀଳଗିରି ଥାନା ଡ଼ୋଲପୁର ଅଞ୍ଚଳର ଗଣପତି ସିଂ (୫୦)। ତାଙ୍କ ନିକଟରୁ ୨ଟି କଟୁରୀ, ଟର୍ଚ୍ଚ, ଲୁହାରଡ଼ ଜବତ କରାଯାଇଛି। କୁଲଡ଼ିହା ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୨/୨୦୨୧-୨୨) ରୁଜୁ କରାଯାଇ ଗିରଫ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯାଇଛି।

## ଲୁଟିନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର

**ବାରିପଦା ଅଫିସ, ୧୨।୪:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ବସ୍‌ଷ୍ଟାଣ୍ଡ ନିକଟ ଏକ ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ଗହଣା ଲୁଟ୍ ହୋଇଛି। ଏନେଇ ଦୋକାନର ମାଲିକ କିଶୋର କୁମାର ଦେଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୬୪/୨୧) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଜାରି ରଖିଛି।ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡ ନିକଟ କେପିଡି ସନ୍ସ ଦୋକାନ ଛାତ ଦେଇ ଲୁଟେରାମାନେ ଭିତରେ ପ୍ରବେଶ କରିଥିଲେ। ଦୋକାନରେ ଥିବା ୨୦ରୁ ୨୫କେଜି ରୁପା ଓ ୫୦ରୁ ଶହେ ଗ୍ରାମ ସୁନା ଅଳଙ୍କାର ଲୁଟି ନେଇଥିଲେ। ଦୋକାନର ଆଇରନ୍‌ଚେଷ୍ଟକୁ କାଟିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ତେବେ ଲୁଟେରାମାନେ ଲୁଟ ପାଇଁ ବ୍ୟବହାର କରିଥିବା ଗ୍ୟାସ କଟର, ଦୁଇଟି ଗ୍ୟାସ ସିଲିଣ୍ଡର ଓ ଶାବଳ ଆଦି ଛାଡ଼ି ପଳାଇଛନ୍ତି । ରିପୋର୍ଟ ଲେଖା ହେବା ବେଳକୁ ପୋଲିସ ଲୁଟେରାମାନଙ୍କୁ ଠାବ କରିପାରି ନ ଥିଲା।

## ପୋଖରୀରେ ବୁଡ଼ି ପ୍ରାଣ ଗଲା

**ରାଇରଙ୍ଗପୁର,୧୨।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଘିଆଟାଙ୍ଗର ଗ୍ରାମର ଜଣେ ବ୍ୟକ୍ତି ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ କୁନାରାମ ମାରାଣ୍ଡି। ସୋମବାର ଅପରାହ୍ନରେ ଗାଧୋଇବା ପାଇଁ ଯାଇଥିବା ବେଳେ ସେଠାରେ ସେ ବୁଡ଼ି ଯାଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ପୋଖରୀରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୧) ରୁଜୁ ହୋଇଛି।

# ମାସ୍କ ଚେକିଂ ନାଁରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ ଅଫିସ, ୧୨।୪**


ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡାଙ୍କ କାର୍ଯ୍ୟାଳୟରେ ଗିରଫ ଦୁଇ ଯୁବକଙ୍କ ପରିବାର ଲୋକ।

- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗିରଫ ଯୁବକଙ୍କ ପରିବାର ଲୋକେ
- ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ
- ମାନବାଧିକାର ଆୟୋଗ ନିକଟରେ ମାମଲା ରୁଜୁ

ମାସ୍କ ଚେକିଂ ନାଁରେ ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଛି। ଚେକିଂ ବେଳେ ମାସ୍କ ପିନ୍ଧି ନ ଥିବାରୁ ଦୁଇ ଯୁବକଙ୍କୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ଯୁକ୍ତିତର୍କ ହେବାରୁ ପୋଲିସ ସେମାନଙ୍କୁ ପିଟୁଥିବାର ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅନ୍ୟପଟେ ପୋଲିସ ଉପରକୁ ଆକ୍ରମଣ କରିଥିବା ମିଥ୍ୟା ଅଭିଯୋଗ ଆଣି ଦୁଇଭାଇଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସେମାନଙ୍କ ପରିବାର ଲୋକ। ଗିରଫ ଦୁଇଭାଇ ହେଲେ ଧୂଷୁରୀ ଥାନା ଅଧୀନ ବେତାଳିଗାଁର ସ୍ମୃତିରଞ୍ଜନ ମେକାପ ଓ ଶୁଭରଞ୍ଜନ ମେକାପ। ସେମାନଙ୍କ ବାପା ପ୍ରଦୀପ ମେକାପ, ମା' ସସ୍ମିତାଙ୍କ ସମେତ ପରିବାର ଲୋକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସେମାନଙ୍କ ଦୁଇପୁଅ ନାଁରେ ମିଥ୍ୟା ମାମଲା ରୁଜୁ କରାଯାଇ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲଗାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଥିଲେ। ୩ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ଓ ଆରଡ଼ି ଫାଣ୍ଡି ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଏସ୍‌ପିଙ୍କ ଅଫିସ୍ ଆଗରେ ଆତ୍ମାହୁତି ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ଆରଡ଼ି ଫାଣ୍ଡି ପୋଲିସ ବିରୋଧରେ ବନ୍ତ ବ୍ଲକ ବଡ଼ବର୍ଦ୍ଧିକୟାଁ ଗାଁର ମାନବାଧିକାର କର୍ମୀ ରମେଶ ମଲ୍ଲିକ ମାନବାଧିକାର ଆୟୋଗ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ତୁରନ୍ତ ଏସ୍‌ପି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏ ନେଇ ଓଡ଼ିଶା ମାନବାଧିକାର ଆୟୋଗ ନିକଟରେ ୮୯/ ଆଇଏନ୍/୨୦୨୧ ରୁଜୁ ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଶନିବାର ସ୍ମୃତିରଞ୍ଜନ ଓ ଶୁଭରଞ୍ଜନ ଆରଡ଼ି ଯିବା ରାସ୍ତାରେ ଫାଣ୍ଡି ସମ୍ମୁଖରେ ମାସ୍କ ଚେକିଂର ସାମ୍ନା କରିଥିଲେ। ମାସ୍କ ପିନ୍ଧି ନ ଥିବାକୁ ନେଇ ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରିବାକୁ ଚାହିଁବାରୁ ପୋଲିସ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରି ଗୋଡ଼ାଇ ପିଟୁଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏଥିରେ ଆରଡ଼ି ପୋଲିସ ନିଜେ ମାସ୍କ ପିନ୍ଧି ନ ଥିବାବେଳେ ଲୁଙ୍ଗି, ଟାୱେଲ ପିନ୍ଧି ଦୁଇ ଯୁବକଙ୍କୁ ମାଡ଼ ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଅନ୍ୟପଟେ ଏହି ଦୁଇ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ଆଣି ଆରଡ଼ି ଫାଣ୍ଡି ପୋଲିସ ମାମଲା (ନଂ.୭୭/୨୧) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ କଡ଼ାକଡ଼ି ଯାଞ୍ଚ


ଅସ୍ଥାୟୀ ଚେକପୋଷ୍ଟରେ ଉପସ୍ଥିତ ଅଧିକାରୀ।

**ଚମ୍ପୁଆ ୧୨।୪(ଡି.ଏନ.ଏ)**

ରାଜ୍ୟରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡଲାଇନ ଲାଗୁ କରାଯାଇଛି। ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ପୋଲିସ, ଆଞ୍ଚଳିକ ପରିବହନ ବିଭାଗ, ମେଡିକାଲ ଟିମ, ଚମ୍ପୁଆ ଏନ୍‌ଏସି ବିଭାଗକୁ ନେଇ ଚମ୍ପୁଆ ଓ ଝାଡଖଣ୍ଡ ସୀମାରେ ଅସ୍ଥାୟୀ ଚେକପୋଷ୍ଟ ଖୋଲାଯାଇଛି। ଏହି ଚେକ୍ ପୋଷ୍ଟରେ ରାଜ୍ୟ ବାହାରୁ ଆସୁଥିବା ୨ ଚକିଆ, ୪ ଚକିଆ ଓ ଯାତ୍ରୀବାହି ବସ୍ ଗୁଡିକୁ ପରିବହନ ବିଭାଗ ଦ୍ୱାରା ଯାଞ୍ଚ କରାଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଯାତ୍ରୀ ମାନଙ୍କର ଠିକଣା ସହିତ ଗାଡ଼ି ଗୁଡିକ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ଯାଉଛନ୍ତି ତାହାର ବିବରଣି ରଖୁଛନ୍ତି। ମେଡିକାଲ ଟିମ୍ ପକ୍ଷରୁ ଏହି ଶିବିରରେ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କର ତାପପାତ୍ରା ଚେକ୍ କରାଯିବ। ଯଦି କୌଣସି ସିମଟମ ଦେଖା ଦିଏ ତେବେ ଉକ୍ତ ଲୋକଙ୍କୁ ତୁରନ୍ତ ମେଡିକାଲ ଅଣାଯାଇ କୋଭିଡ ଟେଷ୍ଟ କରାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଧର୍ମପଦ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଶିବିରରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ଚମ୍ପୁଆ ଥାନା ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ପାଇଁ ଜାତୀୟ ରାଜପଥ ଅବରୋଧ

**ବାଲେଶ୍ୱର ଅଫିସ, ୧୨।୪**


ରାସ୍ତା ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ।

ବାଲେଶ୍ୱର ସଦର ଥାନା ଅଧୀନ ବାଘାଯତୀନ ସ୍ମୃତିପୀଠ ଚଷାଖଣ୍ଡକୁ ଯାଉଥିବା ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ହେଲା ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ରାସ୍ତା ନିର୍ମାଣ ଲାଗି କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସ୍ଥାନୀୟ ଲୋକେ ସୋମବାର ୬୦ନଂ. ଜାତୀୟ ରାଜପଥ ଫୁଲାଡ଼ିଠାରେ ଅବରୋଧ କରିଥିଲେ। ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସଦର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା, ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ, ସଦର ତହସିଲଦାର ଅନାମିକା ସିଂ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

ବାଘାଯତୀନ ଶହୀଦ ସ୍ମୃତିପୀଠକୁ ଦୈନିକ ହଜାର ହଜାର ଲୋକ ଆସିଥାନ୍ତି। ରାସ୍ତା ଦୁରବସ୍ଥା ଯୋଗୁ ଲୋକମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏହାସହିତ ଆମ୍ବୁଲାନ୍ସ ସେବା, ଅଗ୍ନି ସେବା, ବନ୍ୟା ଯୋଗୁ ଲୋକେ ଯାତାୟାତ କରିବାରେ ବହୁତ ହଇରାଣ ହେଉଛନ୍ତି। ପ୍ରତିବାଦ ସ୍ୱରୂପ କମିଟି ତତ୍ତ୍ୱାବଧାନରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାସ୍ତା ନିର୍ମାଣ ପାଇଁ ଜମି ମାଲିକମାନଙ୍କ ସହିତ ଜିଲାପାଳ ଆସନ୍ତା ଶନିବାର ବୈଠକ ଅନୁଷ୍ଠିତ ହେବ। ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଖଡ଼ଗପୁର, ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ବସି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବାର ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତା ନିର୍ମାଣ କ୍ରିୟାନୁଷ୍ଠାନ କମିଟି ତରଫରୁ ପ୍ରେମରଞ୍ଜନ ପାତ୍ର, ମଣ୍ଟୁ ନାୟକ, ପ୍ରତାପ ବାରିକ, ସେକ ଆଜମତ, ସେକ ସାଦିର୍, ହବିବ ଖାଁ, ସେକ କେଫୁରୁଦ୍ଦିନ, ସେକ ଦେବୁ, ଉତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅନଶନ ବେଳେ ଅସୁସ୍ଥ ହୋଇପଡ଼ିଲେ ୨ ଯୁବକ

**ଭଦ୍ରକ ଅଫିସ, ୧୨।୪**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଭଟପଡ଼ା ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ଅଭିଯୋଗ କରି ୧୫ ଦିନ ଧରି ଧାରଣାରେ ବସିଥିଲେ। କେହି ନ ଶୁଣିବାରୁ ଚାନ୍ଦବାଲି ତହସିଲ ଅଫିସ୍ ସମ୍ମୁଖରେ ଗତ ୪ ଦିନ ଧରି ଆମରଣ ଅନଶନରେ ବସିଥିବା ଲୋକଙ୍କ ମଧ୍ୟରୁ ସୋମବାର ଅସୁସ୍ଥ ହୋଇପଡ଼ିଛନ୍ତି ଦୁଇ ଯୁବକ। ପ୍ରଥମେ ଜଣେ ଯୁବକଙ୍କୁ ଚାନ୍ଦବାଲି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣେ ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଭାଜପା ପକ୍ଷରୁ ଅନଶନ ଚାଲିଥିବା ବେଳେ ସୁଶୀଲ ବାରିକ ଓ ପ୍ରଶାନ୍ତ ବେହେରା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ସଭାପତି ହେମନ୍ତ ପାଢ଼ୀ ଦାବି କରିଛନ୍ତି।

## ଘରୋଇ କଳିରୁ ଆତ୍ମହତ୍ୟା

**ତେଲକୋଇ,୧୨।୪(ଡି.ଏନ.ଏ.)**

ତେଲକୋଇ ବ୍ଲକ ବଜାରଛକ ଅଞ୍ଚଳରେ ଏକ ଦମ୍ପତିଙ୍କ ମଧ୍ୟରେ ଝଗଡା ହେବାରୁ ସ୍ୱାମୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଶେହେଜାବୁଲ ଶେଖ୍ (୨୪)। ତାଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳର ମୁର୍ସିଦାବାଦରେ। ଗୁରୁତର ଅବସ୍ଥାରେ ତାଙ୍କ ଭଣଜା ତାଙ୍କୁ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

## ଆଜି ୫-ଟି ସଚିବଙ୍କ ବାଲେଶ୍ୱର ଗସ୍ତ

**ବାଲେଶ୍ୱର ଅଫିସ,୧୨।୪**

**ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବେ**

୫-ଟି ସଚିବ ମଙ୍ଗଳବାର ବାଲେଶ୍ୱର ଗସ୍ତରେ ଆସିବେ। ଅଧିକାରୀମାନେ ବାଲେଶ୍ୱର ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ପରିଦର୍ଶନ ସହ ମେଡ଼ିକାଲ କଲେଜରେ ନିର୍ମାଣାଧୀନ କାର୍ଯ୍ୟକୁ ତଦାରଖ କରିବେ। ପୂର୍ବାହ୍ନ ୭ଟା ୩୦ମିନିଟ୍‌ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି. କେ ପାଣ୍ଡିଆନ, ପୂର୍ତ୍ତ ବିଭାଗ ସଚିବ କିଷନ କୁମାର ହେଲିକପ୍ଟର ଯୋଗେ ସ୍ଥାନୀୟ ପୋଲିସ ଲାଇନ୍‌ପଡ଼ିଆରେ ଅବତରଣ କରିବେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଇଟିଆଇ ଛକରୁ ତାମୁଲିଆ ଓଭରବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା, ଲୁଣିଆଯୋଡ଼ି ପୋଲ ଓ ଲୁଣିଆଯୋଡ଼ି ଆଗକୁ ଗୋଟିଏ ୧୪କୋଟି ଟଙ୍କାର ପାର୍କ ପ୍ରକଳ୍ପ, ଫକୀରମୋହନ ମେଡ଼ିକାଲ କଲେଜ ଯାଇ ସେଠାରେ ନିର୍ମାଣାଧୀନ ହସ୍‌ପିଟାଲ କାର୍ଯ୍ୟର ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରକୁ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ୫-ଟି ସଚିବଙ୍କ ଏହି ଗସ୍ତକୁ ନେଇ ପ୍ରଶାସନିକ ସ୍ତରରେ ବେଶ୍ ତତ୍ପରତା ଦେଖାଦେଇଛି।

# ପ୍ଲାଣ୍ଟ ସମ୍ପ୍ରସାରଣ ଲାଗି ଜନଶୁଣାଣି

**କେନ୍ଦୁଝର,୧୨।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଶଙ୍କାରୀ ଗ୍ରାମରେ ଆର୍ସେଲର-ମିତ୍ତଲ-ନିପନ୍ କମ୍ପାନୀ ପକ୍ଷରୁ ବେନିଫିକେଶନ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ସୋମବାର କୋଭିଡ ଗାଇଡ୍‌ଲାଇନ ମାନି ଏକ ପରିବେଶୀୟ ମଞ୍ଜୁରୀ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଉକ୍ତ ଜନଶୁଣାଣି ସଭାକୁ ସ୍ଥାନୀୟ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଏହି ଜନଶୁଣାଣିକୁ ସ୍ଥାନୀୟ ଜନପ୍ରତିନିଧି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରତିନିଧି ଉପସ୍ଥିତ ରହି ଏହି ପ୍ରକଳ୍ପକୁ ସମର୍ଥନ କରିବା ସହ ଅଞ୍ଚଳର ବିକାଶ ପାଇଁ ଦାବି ଉପସ୍ଥାପନ କରିଥିଲେ। କମ୍ପାନୀର ମୁଖ୍ୟ ଲକ୍ଷ୍ମୀଚରଣ ମହାପାତ୍ର ଏହି ପ୍ରକଳ୍ପ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ପରେ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କର ଦାବି ଗୁଡ଼ିକ ପୂରଣ କରାଯିବ ବୋଲି ପ୍ରକାଶ କରିଥିଲେ ।

## ପିଡିଏସ୍ ସାମଗ୍ରୀ ବାଟମାରଣା ଅଭିଯୋଗ

**ଯୋଡ଼ା,୧୨।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଚମକପୁର ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପିଡିଏସ ସାମଗ୍ରୀ କାର୍ଯ୍ୟାଳୟରୁ ବାଟ ମାରଣା କରାଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କରୋନାର ସଂକ୍ରମଣର ଭୟାବହତା ସମୟରେ ଲୋକଙ୍କୁ କେନ୍ଦ୍ର ସରକାର ମାଗଣା ପିଡିଏସ ସାମଗ୍ରୀ ପ୍ରଦାନ କରିଥିଲେ। ସମୁଦାୟ ୫ମାସ ପର୍ଯ୍ୟନ୍ତ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପିଡିଏସ ସାମଗ୍ରୀ ପ୍ରଦାନ କରାଯାଇଥିଲା। ହେଲେ ଚମକପୁର ପଞ୍ଚାୟତରେ ହିତାଧିକାରୀଙ୍କୁ ୪ମାସର ସାମଗ୍ରୀ ଯୋଗାଇ ଦେଇ ୧ ମାସର ପିଡିଏସ ସାମଗ୍ରୀକୁ ବାଟମାରଣା କରାଯାଇଥିବା ଗ୍ରାମର କୁମୁଦିନୀ ବେହେରା, ରାଜକୁମାରୀ ନାଏକ, ଜୟନ୍ତୀ ଦାସ, ଦ୍ରୌପଦୀ ନାଏକ ପ୍ରମୁଖ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏକ ମାସର ପିଡିଏସ ସାମଗ୍ରୀ ନ ପାଇବାରୁ ସେମାନେ ସ୍ଥାନୀୟ ସରପଞ୍ଚ ନରହରି ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସରପଞ୍ଚ ନାଏକ ଏନେଇ ଲିଖିତ ଭାବେ ଚମ୍ପୁଆ ଉପଜିଲାପାଳଙ୍କୁ ଜଣାଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ଚମକପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଗଣେଶ୍ୱର ପ୍ରଧାନ କହିଛନ୍ତି, ସେ ଜାନୁୟାରୀ ମାସରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ମାସରୁ ଯାହା ପିଡିଏସ ସାମଗ୍ରୀ ପଞ୍ଚାୟତକୁ ମିଳିଛି, ସେ ହିତାଧିକାରୀଙ୍କୁ ବାଣ୍ଟିଛନ୍ତି। ଏକ ମାସର ପିଡିଏସ ସାମଗ୍ରୀ ହିତାଧିକାରୀଙ୍କୁ ନ ମିଳିବା ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି।

# ଗଡ଼ିଲା କୃଷି ରଥ

**ବାଲେଶ୍ୱର ଅଫିସ,୧୨।୪**

ବାଲେଶ୍ୱର ଜିଲାରେ ଗଡ଼ିଲା କୃଷି ରଥ। ସଚେତନ ହେବେ କୃଷକ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସୋମବାର ଜିଲା କୃଷି ବିଭାଗ ପରିସରରେ ସଦର ବ୍ଲକ, ରେମୁଣା ବ୍ଲକ ଏବଂ ବସ୍ତା ବ୍ଲକ ପାଇଁ ଆସିଥିବା 'କୃଷି ରଥ'କୁ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ କରିଛନ୍ତି। ପ୍ରତି ବ୍ଲକରେ ୬ଦିନ ଧରି ନାଚଗୀତ ମାଧ୍ୟମରେ କୃଷକମାନଙ୍କୁ କୃଷି ସମ୍ବନ୍ଧରେ ସଚେତନ କରାଯିବ। ଏହି କୃଷି ରଥ ଖରିଫ ଫସଲ ପାଇଁ ଥିବା ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନା, ଆବଶ୍ୟକ ଦସ୍ତାବିଜ, ଆର୍ଥିକ ସହାୟତା ଏବଂ ମୃତ୍ତିକା ପରୀକ୍ଷା ବିଷୟରେ ବ୍ଲକର ସମସ୍ତ ଅଞ୍ଚଳ ବୁଲି କୃଷକ ଭାଇମାନଙ୍କୁ ଅବଗତ କରାଇବ। ଉଦ୍‌ଘାଟନୀ ସମୟରେ ବାଲେଶ୍ୱର ଜିଲା କୃଷି ଅଧିକାରୀ ବୀରେନ୍ଦ୍ର ବେହେରା, ସଦର ବ୍ଲକ କୃଷି ଅଧିକାରୀ ସୁଦାମ କୁମାର ନାୟକ, ବସ୍ତା ବ୍ଲକ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ, ରେମୁଣା ବ୍ଲକ କୃଷି ଅଧିକାରୀ ବ୍ରଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ସ୍ୱରୂପ କୁମାର ଦାସ କୃଷି ରଥକୁ ଉଦ୍‌ଘାଟନ କରୁଛନ୍ତି।

# ସରିଲା ମହାନୀଳ, ଆଜି ପାଟ ଉତ୍ସବ

**ଭୋଗରାଇ, ୧୨।୪(ଡି.ଏନ.ଏ.)**

ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଦେବଦେବ ଚନ୍ଦନେଶ୍ୱର ମହାଦେବଙ୍କ ସୋମବାର ଥିଲା ଚଡ଼କମେଳାର ଦ୍ୱିତୀୟ ଅର୍ଘ୍ୟ ଓ ମହାନୀଳ ଉତ୍ସବ। ଏଥିପାଇଁ ନିଶିବସାନରୁ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା ଶୈବପୀଠକୁ। କୋଭିଡ୍ କଟକଣା ଯୋଗୁ ଚନ୍ଦନେଶ୍ୱର ମନ୍ଦିର ପରିସର ପୂର୍ବ ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାର ପ୍ରବେଶ ପଥ ଗେଟ୍‌ରେ ତାଲା ପକାଇ ପୋଲିସ ଭକ୍ତଙ୍କୁ ମନ୍ଦିର ପ୍ରବେଶ ବାରଣ କରିଥିଲେ। ହେଲେ ଭକ୍ତଙ୍କ ଭାବାବେଗ ଯୋଗୁ ମନ୍ଦିର ପରିସର ବାହାରେ ପୂଜାର୍ଚ୍ଚନା, ଆରାଧନା ଲାଗି ରହିଥିଲା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟରୁ ଆସିଥିବା ଶ୍ରଦ୍ଧାଳୁମାନେ ମନ୍ଦିର ପ୍ରବେଶ କରି ନ ପାରି ପୂଜାଡଲାକୁ ସ୍ଥାନୀୟ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ବହୁ ଭକ୍ତ ମନ୍ଦିର ପ୍ରବେଶ କରି ନ ପାରି ବାହାରେ ଶିବଙ୍କୁ ଆରାଧନା କରି କୋହ ସମ୍ବରଣ କରି ପାରି ନ ଥିଲେ।


ମହାନୀଳ ଉତ୍ସବରେ ନୀଳପୋଖରୀରୁ ଶ୍ରଦ୍ଧାଳୁମାନେ ଥୁମ୍ବିଂ କାଠ ଉତ୍ତୋଳନ କରୁଛନ୍ତି।

ମହାନୀଳରେ ଘରେ ଘରେ ଶିବଶଙ୍କରଙ୍କୁ ଆରାଧନା କରି ସାରାଦିନ ହବିଷ ପାଳନ କରିବା ହିନ୍ଦୁଧର୍ମର ଏକ ନିଆରା ପରମ୍ପରା ରହିଆସିଛି। ସମୁଦ୍ର ମନ୍ଥନ ବେଳେ ଶିବଙ୍କର ଅମୃତ ବିଷପାନ କରି ନୀଳକଣ୍ଠ ହେବା, ଅତ୍ୟାଚାରୀ ବ୍ରିଟିଶ ସମୟର ନୀଳଚାଷକୁ ବନ୍ଦ କରିବା ପ୍ରତିବାଦରେ ଚନ୍ଦନେଶ୍ୱର ମହାଦେବଙ୍କଠାରେ ଉପବାସ ରହି ବ୍ରତ ପାଳନ କରିବା ଭଳି ବହୁ ରୋଚକ କାହାଣୀ ରହିଛି। ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତାଙ୍କ ଅଲୌକିକ କାର୍ଯ୍ୟ ସୁଦୂରପ୍ରସାରୀ ହୋଇଥିବା ବେଳେ ରୋଗୀ, ଭୋଗୀ, ଭକ୍ତମାନେ ଜୀଉଙ୍କ ଉଦ୍ଦେଶ୍ୟରେ ଅଧିଆ ପଡ଼ିବା ଭକ୍ତି ଭାବନାକୁ ଜାଗ୍ରତ କରିଛି। ଚନ୍ଦନେଶ୍ୱର ମହାଦେବଙ୍କୁ ବିବାହ ସମୟରେ ଭକ୍ତଙ୍କ ଆରାଧନାରେ ଶିବପ୍ରସନ୍ନ ହୋଇ ମନସ୍କାମନାପୂର୍ଣ୍ଣ କରିଥାନ୍ତି ବୋଲି କଥିତ ରହିଛି। ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ନୀଳ ଉତ୍ସବରେ ନୀଳ ପୋଖରୀରେ ଜୀଉଙ୍କ ଚଳନ୍ତି ବିଗ୍ରହ କୁହାଯାଉଥିବା ଦୁଇଟି ଥୁମ୍ବିକାଠ ଭକ୍ତ ଓ ସେବାୟତଙ୍କ ଦ୍ୱାରା ଉତ୍ତୋଳନ କରାଯାଇ ମନ୍ଦିର ପରିସରରେ ରଖାଯାଇଛି। ଏଥିସହିତ ଜୀଉଙ୍କ କୌଳିକ ପ୍ରଥା ଓ ପରମ୍ପରା ଅନୁଯାୟୀ ଜୀଉଙ୍କ ଉଦ୍ଦେଶ୍ୟରେ ୧୪ ଭକ୍ତ ସହ ବାଦ୍ୟକାରମାନେ ୧୬ ପ୍ରକାର ବାଦ୍ୟ ଓ ଶୈବନୃତ୍ୟ ପ୍ରଦର୍ଶନ କରି ଅର୍ଘ୍ୟ ପିଣ୍ଡରେ ଦ୍ୱିତୀୟ ଅର୍ଘ୍ୟ ପ୍ରଦାନ କରିଛନ୍ତି। ଚନ୍ଦନେଶ୍ୱର ଶୈବପୀଠ ସହ ଭୋଗରାଇର ଶତାଧିକ ଶୈବପୀଠରେ ମହାନୀଳରେ ଭକ୍ତଙ୍କ ଭଗବାନଙ୍କୁ ପୂଜାର୍ଚ୍ଚନା ପାଇଁ ଲମ୍ବାଧାଡ଼ି ଲାଗିଥିଲା। ମଙ୍ଗଳବାର ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା ଅନ୍ତିମ ଦିବସରେ ପ୍ରସିଦ୍ଧ ପାଟ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଉଦ୍‌ଯାପିତ ହେବ ବୋଲି ମୌରସୀ ତଥା ସେବାୟତ ତପନ ପଣ୍ଡା, ବୁଦ୍ଧଦେବ ପଣ୍ଡା, ଟ୍ରଷ୍ଟବୋର୍ଡ଼ର ଏକ୍ସକ୍ୟୁଟିଭ୍ ଅଫିସର ତହସିଲଦାର କମଳାକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

